# ଫାଦର ଅମୀରଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

ଫେବୃଆରୀ 15, 2024

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ଣରେ ଦୋହାଠାରେ ଫାଦର ଅମୀର, ମହାମହିମ ହମାଦ ବିନ୍ ଖଲିଫା ଅଲ୍ ଥାନିଙ୍କୁ ଭେଟିଥିଲେ ।

2. ଗତ ଦଶନ୍ଧି ମଧ୍ୟରେ କତାରର ବିକାଶ ପାଇଁ ପଥ ପ୍ରଶସ୍ତ କରିଥିବା ତାଙ୍କ ଦୂରଦର୍ଶୀ ନେତୃତ୍ୱ ପାଇଁ ପ୍ରଧାନମନ୍ତ୍ରୀ ଫାଦର ଅମୀରଙ୍କୁ ଅଭିନନ୍ଦନ ଜଣାଇଥିଲେ । ଉଭୟ ନେତା ଭାରତ-କତାର ସମ୍ପର୍କ ଉପରେ ଆଲୋଚନା କରିଥିଲେ ।

3. ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ବିକାଶ ଉପରେ ଫାଦର ଅମୀରଙ୍କ ଦୂରଦୃଷ୍ଟିସମ୍ପନ୍ନ ମନ୍ତବ୍ୟ ପାଇଁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ ।

4. ଭାରତ ଓ କତାର ମଧ୍ୟରେ ଅତୁଟ ସମ୍ପର୍କ ରହିଛି, ଯାହା ପାରସ୍ପରିକ ବିଶ୍ୱାସ ଓ ସହଯୋଗ ଦ୍ୱାରା ପ୍ରତିଫଳିତ ହୋଇଛି ବୋଲି ଫାଦର ଅମୀର ଦୃଢ଼ୋକ୍ତି ପ୍ରକାଶ କରିଥିଲେ । କତାରର ବିକାଶ ଏବଂ ଦ୍ୱିପାକ୍ଷିକ ଭାଗିଦାରୀକୁ ଦୃଢ଼ୀଭୂତ କରିବାରେ ଭାରତୀୟ ସମୁଦାୟର ଭୂମିକାକୁ ମଧ୍ୟ ସେ ଭୂୟସି ପ୍ରଶଂସା କରିଥିଲେ ।

**ଦୋହା**
**ଫେବୃଆରୀ 15, 2024**